بسم الله الرحمن الرحيم

**୧୦ ସେପ୍ଟେମ୍ବର ୨୦୨୧ ଖୁତବା ଜୁମାର ସାରାଂଶ**
**ସ୍ଥାନ - ମସଜିଦ ମୁବାରକ୍ ଇସଲାମାବାଦ୍, ଲଣ୍ଡନ**

ହଜରତ ମୁହମ୍ମଦ [ସ.ଅ]ଙ୍କର ସର୍ବୋଚ୍ଚସ୍ତରରେ ଅଧିଷ୍ଠିତ ମାର୍ଗଦର୍ଶୀ ଖଲିଫା ଓ ଶ୍ରେଷ୍ଠ ଫାରୁକ୍ ହଜରତ ଉମର ବିନ୍ ଖତାବ୍ [ର.ଅ]ଙ୍କ ଉତ୍ତମ ଚରିତ୍ରର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍‌ହ୍‌ଦହୁ ଲାଶରିକା ଲହୁ ୱ୍‌ଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍‌ରସୁଲୁହୁ ଅମ୍ମା ବାଦ୍‌ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ୍ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱ୍‌ଲଜ୍ୱାଲ୍‌ଲିନ୍

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ହଜୁର ଅନଓ୍ୱର[ଅ.ବ] କହିଲେ ହଜରତ ଉମର [ର.ଅ]ଙ୍କ ଖିଲାଫତ୍ କାଳରେ ଘଟିଥିବା ଯୁଦ୍ଧର ଚର୍ଚ୍ଚା ଚାଲିଥିଲା । ହଜରତ ଅବୁବକର [ର.ଅ]ଙ୍କ ଖିଲାଫତ୍ କାଳରେ ଦମିଶକ୍ (ଶିରିୟାର ରାଜଧାନୀ)ର ଘେରାଉ ଅନେକ ମାସ ପର୍ଯ୍ୟନ୍ତ ଅବ୍ୟାହର ରହିଲା । ହଜରତ ଅବୁବକର [ର.ଅ]ଙ୍କ ଦେହାନ୍ତ ପରେ ଯାଇ ମୁସଲମାନମାନେ ଶିରିୟା ବିଜୟ କଲେ । ଯେହେତୁ ତାହା ହଜରତ ଅବୁବକର [ର.ଅ]ଙ୍କ ଖିଲାଫତ୍ କାଳ ସହିତ ସମ୍ବନ୍ଧିତ ତେଣୁ ତାହାର ବର୍ଣ୍ଣନା ଆପଣଙ୍କ ଜୀବନୀ ଚର୍ଚ୍ଚାରେ ବର୍ଣ୍ଣନା ହେବ । ଇନ୍ନଶା ଅଲ୍ଲାଃ । ବର୍ତ୍ତମାନ ଦମିଶକ୍ ବିଜୟ ପରେ ଯେଉଁ ଘଟଣାମାନ ଘଟିଥିଲା, ସେଗୁଡ଼ିକର ଆଲୋଚନା କରିଦେଉଛି ।

ଦମିଶକ୍ ବିଜୟ ପରେ ହଜରତ ଅବୁ ଉବେଦାଃ ହଜରତ ଖାଲିଦ୍ ବିନ୍ ୱଲିଦ୍ [ର.ଅ]ଙ୍କୁ ବକା ଆଡ଼କୁ ପ୍ରେରଣ କରିଥିଲେ । ବକା ବିଜୟ କରିବା ପରେ ହଜରତ ଖାଲିଦ୍ ବିନ୍ ୱଲିଦ୍ ମେସନୁନ୍ ନାମି ଝରଣା ଆଡ଼କୁ ଏକ ଦଳ ପ୍ରେରଣ କରିଥିଲେ । ରୋମୀମାନଙ୍କ ଏକ ସୈନ୍ୟ ଦଳ ମୁସଲମାନମାନଙ୍କ ଉପରେ ଆକ୍ରମଣ କଲା ଯଦ୍ୱାରା ଅନେକ ମୁସଲମାନ ଶହିଦ୍ ହୋଇଗଲେ । ବସ୍ତୁତଃ ସେହି ଝରଣାର ନାମ ଐନୁଲ୍ ଶୋହଦା ପଡ଼ିଗଲା ।

ହଜରତ ଅବୁ ଉବେଦାଃ ଶିରିୟାରେ ୟଯିଦ୍ ବିନ୍ ଅବୁ ସୁଫୟାନ୍‌ଙ୍କୁ ନିଜର ଉତ୍ତରାଧିକାରୀ ମୁତୟନ କରିଥିଲେ । ଯେ ଜୈଦ୍ ବିନ୍ ଖଲିଫାଙ୍କୁ ତଦମର ଏବଂ ଅବୁ ଜୋହରା କଶିରୀଙ୍କୁ ଶନୟା ଓ ହଓ୍ୱରାନ୍ ପ୍ରେରଣ କରିଥିଲେ । ଯାହାର ଅଧିବାସୀ ମୁସଲମାନମାନଙ୍କ ସହିତ ସନ୍ଧି ସ୍ଥାପନ କରିନେଇଥିଲେ । ଶର୍ ହବିଲ୍ ବିନ୍ ହସନାଃ[ର.ଅ] ଯୁଦ୍ଧ ଯୋଗୁଁ ଅରଦନ୍‌ର ରାଜଧାନୀ ତବରିୟା ବ୍ୟତୀତ ସମସ୍ତ ଅଂଚଳଗୁଡ଼ିକୁ ଅଧିକୃତ କରି ନେଇଥିଲେ । ହଜରତ ଖାଲିଦ୍ ବକା ଅଂଚଳ ବିଜୟ କରି ପ୍ରତ୍ୟାବର୍ତ୍ତନ କରିଥିଲେ ।

ଫହଲ୍ ବିଜୟ ୧୪ ହିଜରୀରେ ହୋଇଥିଲା । ହଜରତ ଅବୁ ଉବେଦାଃ ହଜରତ ଉମର [ର.ଅ]ଙ୍କୁ ପତ୍ର ଲେଖିଲେ ଯେ ହରକଲ୍ ହମସ୍‌ରେ ଅବସ୍ଥାନ କରି ଦମିଶକ୍ ଆଡ଼କୁ ସୈନ୍ୟ ପ୍ରେରଣ କରୁଛି । ଏଥି ଉତ୍ତାରୁ ହ.ଉମର[ର.ଅ] କହିଲେ, ଦମିଶକ୍ ଶିରିୟାର ଦୁର୍ଗ ଓ ତାହାର କେନ୍ଦ୍ରସ୍ଥଳୀଗୁଡ଼ିକୁ ପ୍ରଥମେ ଅଧିକାର କର ଏବଂ ଏଥିସହିତ ଫହଲ୍ ଅଭିମୁଖେ ମଧ୍ୟ ଆରୋହୀମାନଙ୍କୁ ପ୍ରେରଣ କରିଦିଅ । ରୋମୀ ସେନା ବାହିନୀ ମୁସଲମାନମାନଙ୍କ ଆଗନ୍ତୁକ ହାବଭାବ ଦେଖି ନିଜ ଚର୍ତୁପାର୍ଶ୍ୱ ଜମିରେ ଜଳ ମଡ଼ାଇ ଦେଲେ । ଯଦ୍ୱାରା ସମସ୍ତ ମାର୍ଗ ଅବରୋଧ ହୋଇଗଲା ଏବଂ ହରକଲ୍ ସେନାର ସହାୟତା ମଧ୍ୟ ଦମିଶକ୍ ପହଂଚି ପାରିଲା ନାହିଁ । ଅପର ପାର୍ଶ୍ୱରୁ ମୁସଲମାନମାନେ ନିଜ ସ୍ଥାନରେ ଅଟଳ ରହିଲେ, ଏହା ଦେଖି ଖ୍ରୀଷ୍ଟଧର୍ମୀମାନେ ସନ୍ଧି କରିବାକୁ ବାଧ୍ୟ ହୋଇଥିଲେ । ଯଦିଚ ହଜରତ ମାଜ୍ ବିନ୍ ଜବଲ୍‌ଙ୍କ ଦୂତ ଓ ହଜରତ ଅବୁ ଉବେଦାଃ ରୋମୀମାନଙ୍କ ହଟ୍ଟଧର୍ମ ଓ ଅହଂକାର ସତ୍ତ୍ୱେ ସେମାନଙ୍କ ସହିତ ସିଧାସଳଖ ବାର୍ତ୍ତାଳାପ କଲେ କିନ୍ତୁ ଉଭୟଙ୍କର ଫଳାଫଳ ନିରର୍ଥକ ଗଲା ଅର୍ଥାତ ଯୁଦ୍ଧ ଟଳିଲା ନାହିଁ । ଇତିହାସ ପୃଷ୍ଠାରେ ଉଲ୍ଲେଖ ରହିଛି

ରୋମୀ ସେନା ବାହିନୀର ସୈନିକଙ୍କ ସଂଖ୍ୟା ୫୦ ହଜାରରୁ ପାଖାପାଖି ଏକ ଲକ୍ଷ ମଧ୍ୟରେ ଥିଲା । ଯେତେବେଳେ ଯୁଦ୍ଧ ଆରମ୍ଭ ହେଲା ସେତେବେଳେ ଯୁଦ୍ଧ କ୍ଷେତ୍ରରେ ମୁସଲମାନମାନଙ୍କ ଦୃଢ଼ତା ଓ ଦାମ୍ଭିକତା ଦେଖି ରୋମୀ ସେନାଧକ୍ଷ ଯୁଦ୍ଧ କ୍ଷେତ୍ରରୁ ଫେରିଯିବାକୁ ଚାହିଁଥିଲା । କିନ୍ତୁ ହଜରତ ଖାଲିଦ୍‌ଙ୍କ ଉତ୍ସାହିତ ପୂର୍ଣ୍ଣ ଆହ୍ୱାନରେ ମୁସଲମାନମାନେ ଏଭଳି ଆତ୍ମଘାତି ଆକ୍ରମଣ କଲେ ଯେ ରୋମୀମାନେ ଧରାଶାୟୀ ହୋଇଗଲେ । ଖ୍ରୀଷ୍ଟଧର୍ମୀମାନେ ସାହାଯ୍ୟ ପାଇବା ଆଶାରେ ଯୁଦ୍ଧକୁ ଟାଳିବାକୁ ଚେଷ୍ଟା କରୁଥିଲେ କିନ୍ତୁ ହଜରତ ଖାଲିଦ୍‌ଙ୍କ ପରାମର୍ଶକ୍ରମେ ହଜରତ ଅବୁ ଉବେଦାଃ ଆସନ୍ତା ଦିନ ମଧ୍ୟ ଯୁଦ୍ଧ ଅବ୍ୟାହତ ରଖିଲେ । ଅତଏବ ପରବର୍ତ୍ତୀ ଦିନ ମାତ୍ର ଘଣ୍ଟାଏ ଘମାଘୋଟ ଯୁଦ୍ଧ ପରେ ରୋମୀମାନଙ୍କ ପାଦ ଉପୁଡ଼ିଗଲା ଏବଂ ସେମାନେ ଯୁଦ୍ଧ କ୍ଷେତ୍ରରୁ ପଳାୟନ କଲେ । ହଜରତ ଉମର [ର.ଅ]ଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ଲୋକମାନଙ୍କ ଧନ ଜୀବନ, ଜମିବାଡ଼ି, ଘରଦ୍ୱାର ଓ ଉପାସନାସ୍ଥଳୀ ସବୁକିଛି ସେମାନଙ୍କ ନିକଟରେ ରହିବାକୁ ଦିଆଗଲା ଏବଂ ମୁସଲମାନମାନେ କେବଳ ମସଜିଦ୍ ନିର୍ମାଣ କରିବା ପାଇଁ ସ୍ୱଳ୍ପ ଜମି ଦଖଲ କରିଥିଲେ ।

ବେସାନ୍ ଓ ତବ୍‌ରିୟା ବିଜୟ; ଅର୍ଦ୍ଦନ ଅଂଚଳରେ ରୋମିମାନଙ୍କ ପରାଜୟ ଖବର ପ୍ରସାରିତ ହୋଇ ସାରିଥିଲା । ଅତଏବ ଯେତେବେଳେ ଲୋକମାନଙ୍କୁ ଶରହବିଲ୍ ନିଜ ସାଥିମାନଙ୍କ ସହିତ ବେସାନ୍ ଆଡୁ ଆଗମନ କରୁଥିବାର ଖବର ମିଳିଲା, ସେତେବେଳେ ସେମାନେ ଦୁର୍ଗରେ ଆତ୍ମଗୋପନ କରିନେଲେ । କିଛି ଘେରାଉ ଓ ସାମାନ୍ୟ ସଂଘର୍ଷ କରିବା ପରେ ବେସାନ୍‌ବାସୀଙ୍କ ସହିତ ସନ୍ଧି ସ୍ଥାପନ ହୋଇଗଲା । ଏହିପରି ତବରୀବାସୀ ମଧ୍ୟ ସନ୍ଧିର ପ୍ରସ୍ତାବ ଦେଲେ ଯାହାକୁ ମୁସଲମାନମାନେ ଗ୍ରହଣ କରିନେଲେ ।

୧୪ ହିଜରୀରେ ହମସ୍ ବିଜୟ ହୋଇଥିଲା; ଯେତେବେଳେ ହଜରତ ଅବୁ ଉବେଦାଃ ଓ ହଜରତ ଖାଲିଦ୍ ବିନ୍ ଓଲିଦ୍[ର.ଅ] ହମସ୍‌ର ଘେରାଉ କଲେ ସେତେବେଳେ ପ୍ରଚଣ୍ଡ ଶୀତ ପଡୁଥିଲା ଏବଂ ମୁସଲମାନ ସେନା ନିକଟରେ ସେହି ପ୍ରଚଣ୍ଡ ଶୀତର ମୁକାବିଲା କରିବା ସକାଶେ କୌଣସି ସାମଗ୍ରୀ ନଥିଲା । ଅତଏବ ରୋମୀମାନଙ୍କୁ ବିଶ୍ୱାସ ଥିଲା ଯେ ମୁସଲମାନମାନେ ଅଧିକ ସମୟ ଖୋଲା ପଡ଼ିଆରେ ଅଟକି ରହିପାରିବେ ନାହିଁ । ହରକଲ୍ ହମସ୍‌ବାସୀଙ୍କ ସହାୟତା ନିମନ୍ତେ ଏକ ସୈନ୍ୟ ଦଳ ପ୍ରେରଣ କରିଥିଲା କିନ୍ତୁ ଇରାକ୍‌ରେ ମୁତୟନ ହଜରତ ସାଦ୍ ବିନ୍ ଅବି ୱକାସ୍‌ଙ୍କ ସେନା ତାଙ୍କୁ ଆଗକୁ ଅଗ୍ରସର ହେବାରୁ ଅଟକାଇ ଦେଲା । ହରକଲ୍ ହମସ୍‌ବାସୀଙ୍କୁ ସାହାଯ୍ୟ ପ୍ରଦାନ କରିବାର ପ୍ରତିଶୃତି ଦେଇ ରୁହା ବାହାରିଗଲେ । ଏପଟେ ହମସ୍‌ବାସୀ ମୁସଲମାନଙ୍କ ନିଜ ସ୍ଥାନରେ ଅଟଳ, ଅବିଚଳ ଆଚରଣ ଦେଖି ସନ୍ଧି କରିବାକୁ ଆନତ ହେଲେ । ଅତଏବ ମୁସଲମାନମାନଙ୍କୁ କର ଓ ଟିକସ୍ ଦେବା ସର୍ତ୍ତରେ ସନ୍ଧି ସ୍ଥାପନ ହେଲା ।

ମରଜୁଲ୍ ରୋମ୍'ର ଘଟଣା ସେହି ବର୍ଷ ଘଟିଲା । ହଜରତ ଅବୁ ଉବେଦାଃ[ର.ଅ] ଓ ହଜରତ ଖାଲିଦ୍ ବିନ୍ ୱଲିଦ୍[ର.ଅ] ଜୁଲ୍-କଲା ସ୍ଥାନରେ ନିଜ ସେନାକୁ ଅବତରଣ କରାଇଥିଲେ । ଯେତେବେଳେ ଏହି ଖବର ହରକଲ୍ ନିକଟରେ ପହଂଚିଲା, ସେତେବେଳେ ସେ ତୁ-ଜରା'କୁ ମୁସଲମାନମାନଙ୍କ ମୁକାବିଲା ନିମନ୍ତେ ପ୍ରେରଣ କଲା । ଯେତେବେଳେ ସେ ମରଜୁଲ୍ ରୋମ୍ ନିକଟରେ ପହଂଚିଲା ସେତେବେଳେ ସେଠାରେ ଶନସ୍ ରୋମୀ ମଧ୍ୟ ସେମାନଙ୍କ ସହିତ ସମ୍ମିଳିତ ହୋଇଯାଇଥିଲା । ଏକଦା ରାତ୍ରରେ ତୁ-ଜରା ଗୋଟିଏ ସ୍ଥାନରୁ ପ୍ରସ୍ଥାନ କରୁଥିଲା ଯେ ହଜରତ ଖାଲିଦ୍ ତାହାର ପଛଧରିଲେ । ଅପର ପାର୍ଶ୍ୱରୁ ୟଯିଦ୍ ବିନ୍ ଅବୁ ସୁଫୟାନ୍‌ଙ୍କୁ ତୁଜରା'ର ଆଗମନର ସୂଚନା ମିଳିବାରୁ ସେ ସମ୍ମୁଖରୁ ତାହାର ମାର୍ଗ ଅବରୋଧ କଲେ । ତୁ-ଜରା'ର ସେନାକୁ ମୁସଲମାନମାନେ ଉଭୟ ପାର୍ଶ୍ୱରୁ ଏପରି ଘେରିନେଲେ ଯେ ସେଠାରୁ ଖସି ପଳାୟନ କରିବାର ସେମାନଙ୍କ ନିକଟରେ କୌଣସି ବାଟ ନଥିଲା । ଏପଟେ ମରଜୁଲ୍ ରୋମ୍'ରେ ହଜରତ ଅବୁ ଉବେଦାଃ[ର.ଅ] ଶନସ୍‌ର ମୁକାବିଲା କଲେ ଏବଂ ତାଙ୍କ ଉପରେ ବିଜୟ ପ୍ରାପ୍ତ କରିନେଲେ ।

ଏଥିଅନ୍ତେ ହଜରତ ଅବୁ ଉବେଦାଃ[ର.ଅ] ହମାତଦ, ଶିଜର୍ ଓ ସଲିମାଃ ଆଦି ଅଂଚଳ ଅଧିକାର କରିବାରେ ସଫଳ ହୋଇଥିଲେ । ସେଥିଅନ୍ତେ ଶିରିୟାର ଉପକୂଳବର୍ତ୍ତୀ ଶହର ଲାଯକିୟା ଆଡ଼କୁ ଅଗ୍ରସର ହୋଇଥିଲେ । ମୁସଲମାନମାନେ ୧୪ ହିଜରୀରେ ଲାଯକିୟା ବିଜୟ କରିଥିଲେ । ସେଠାରେ ହଜରତ ଅବୁ ଉବେଦାଃ[ର.ଅ] ଯୁଦ୍ଧ କୂଟନୀତି ଅବଲମ୍ବନ କରି ଭୂମି ଉପରେ ଅନେକ ଗର୍ତ୍ତ ଖନନ କରି ତାହାକୁ ଘାସରେ ଆଚ୍ଛାଦିତ କରିଦେଇଥିଲେ ଏବଂ ସକାଳେ ସହରର ଘେରାଉ

ପ୍ରତ୍ୟାହାର କରି ସେଠାରୁ ଚାଲି ଯାଇଥିଲେ । ସହରବାସୀ ଘେରାଉ ଉଠିବା ଦେଖି ଦୁର୍ଗର ମୁଖ୍ୟ ଦ୍ୱାର ଖୋଲିଦେଲେ ଏବଂ ସାମାନ୍ୟ ରୂପେ ଚଳପ୍ରଚଳ କରିବା ଆରମ୍ଭ କଲେ । ସେପଟେ ରାତ୍ର ସମୟରେ ହଜରତ ଅବୁ ଉବେଦାଃ[ର.ଅ] ନିଜ ସେନା ବାହିନୀ ଫେରାଇ ଆଣି ସେହି ଗର୍ତମାନଙ୍କରେ ଛପି ରହିଲେ । ସକାଳେ ଯେତେବେଳେ ସହରବାସୀ ମୁଖ୍ୟ ଦ୍ୱାର ଖୋଲିଲେ ସେତେବେଳେ ମୁସଲମାନ ସେନା ସେମାନଙ୍କ ଉପରେ ଆକ୍ରମଣ କରିଦେଲେ । ଏପରି ହଜରତ ଅବୁ ଉବେଦାଃ[ର.ଅ] ଉକ୍ତ ସହର ବିଜୟ କରିନେଲେ ।

୧୫ ହିଜରୀରେ କନଶରିନ୍ ବିଜୟ ହୋଇଥିଲା: ହଜରତ ଅବୁ ଉବେଦାଃ[ର.ଅ] ହଜରତ ଖାଲିଦ୍ ବିନ୍ ୱଲିଦ୍‌ଙ୍କୁ କନଶରିନ୍ ଅଭିମୁଖେ ପ୍ରେରଣ କଲେ । ସେହି ମାର୍ଗରେ ହାଜର ଅଂଚଳରେ ରୋମୀମାନେ ମିନାସ୍‌ଙ୍କ ନେତୃତ୍ୱରେ ମୁସଲମାନଙ୍କର ମୁକାବିଲା କଲେ ଏବଂ ପରାସ୍ତ ହେଲେ । ଉକ୍ତ ଅଂଚଳବାସୀ ହଜରତ ଖାଲିଦ୍ ନିକଟରେ ଉପସ୍ଥିତ ହୋଇ ନିବେଦନ କଲେ ଯେ ତାଙ୍କୁ ଜବରଦସ୍ତି ଯୁଦ୍ଧରେ ସାମିଲ କରାଯାଇଥିଲା । ସୁତରାଂ ସେମାନଙ୍କ ସହ ନମ୍ର ଆଚରଣ ପ୍ରଦର୍ଶନ କରାଯାଉ । ହଜରତ ଖାଲିଦ୍ ସେମାନଙ୍କ ନିବେଦନ ଗ୍ରହଣ କଲେ କିନ୍ତୁ ସେଠାରୁ କିଛି ରୋମି କନଶରିନ୍ ପ୍ରଳାୟନ କରି ଦୁର୍ଗରେ ଶରଣ ନେଲେ । ସେଠାରେ କିଛି ଦିନ ଅତିବାହିତ କରିବା ପରେ ଯେତେବେଳେ ଦେଖିଲେ, ଏଠାରୁ ମୁକ୍ତି ପାଇବା ସମ୍ଭବ ନୁହେଁ ସେତେବେଳେ ସେମାନେ ସନ୍ଧିର ପ୍ରସ୍ତାବ ଆଗତ କରିଥିଲେ କିନ୍ତୁ ହଜରତ ଖାଲିଦ୍ ତାଙ୍କର ଆଦେଶ ଉଲଙ୍ଘନ କରିବା ଯୋଗୁଁ ସେମାନଙ୍କୁ ଦଣ୍ଡ ବିଧାନର ନିଷ୍ପତ୍ତି ଦେଲେ । ବସ୍ତୁତଃ ସହରବାସୀ ନିଜର ଘରବାଡ଼ି, ଧନସମ୍ପତି, ପିଲାଛୁଆ ଆଦି ଛାଡ଼ି ଅନତାକିୟା ପଳାୟନ କଲେ । ଯେତେବେଳେ ହଜରତ ଅବୁ ଉବେଦାଃ ସେଠାରେ ପହଂଚିଲେ ସେତେବେଳେ ସେ ହଜରତ ଖାଲିଦ୍‌ଙ୍କ ନିଷ୍ପତ୍ତିକୁ ନ୍ୟାୟସଙ୍ଗତ ଦର୍ଶାଇ ଥିଲେ । ଯଦିଚ ସେ ନମ୍ର ଆଚରଣ କରି ସହରବାସୀଙ୍କୁ ସୁରକ୍ଷା ପ୍ରଦାନ କରିଥିଲେ । ଯଦ୍ୱାରା ଅନତାକିୟା ପଳାୟନ କରିଥିବା ଲୋକମାନେ ମୁସଲମାନଙ୍କୁ କର ଦେବା ସର୍ତ୍ତରେ ନିଜ ଅଂଚଳକୁ ଫେରି ଆସିଥିଲେ ।

ମୁସଲମାନମାନେ କେସାରିୟା ଅଂଚଳ ୧୫ ହିଜରୀରେ ବିଜୟ କରିନେଇଥିଲେ: ଅଲଫାରୁକିରେ ଉଲ୍ଲେଖ ରହିଛି ୧୩ ହିଜରୀରେ ହଜରତ ଉମରୋ ବିନ୍ ଆସ କେସାରିୟା ଉପରେ ଚଢାଉ କରିଥିଲେ । ହଜରତ ଅବୁ ଉବେଦାଃଙ୍କ ଦେହାନ୍ତ ପରେ ହଜରତ ଉମର[ର.ଅ] ୟଯିଦ୍ ବିନ୍ ଅବୁ ସୁଫୟାନ୍‌ଙ୍କୁ ଉକ୍ତ ଅଂଚଳରେ ଚଢାଉ କରିବାର ଆଦେଶ ଦେଇଥିଲେ । ସେ ୧୭ ହଜାର ମୁସଲମାନ ସେନାଙ୍କୁ ସାଥିରେ ନେଇ ଉକ୍ତ ଅଂଚଳର ଘେରାଉ କରିଥିଲେ କିନ୍ତୁ ୧୮ ହିଜରୀରେ ରୋଗାକ୍ରାନ୍ତ ହେବାରୁ ନିଜର ଉତରାଧିକାରୀ ରୂପେ ଅମିର ମାୱିୟାଙ୍କୁ ମୁତୟନ କରି ଦମିଶକ୍ ଫେରି ଆସିଥିଲେ ଯେଉଁସ୍ଥଳେ ତାଙ୍କର ଦେହାନ୍ତ ଘଟିଥିଲା । ଅମିର ମାୱିୟା ଉକ୍ତ ଅଂଚଳର ଘେରାଉ ଅବ୍ୟାହତ ରଖିଥିଲେ । ଏହି ଯୁଦ୍ଧରେ ଏକଦା ଜଣେ ବଦରୀ ସାହାବା ହଜରତ ଅବାଦାଃ ବିନ୍ ସାମିତ୍[ର.ଅ] ମୁସଲମାନମାନଙ୍କୁ ଦରଦ ପୂର୍ଣ୍ଣ ଉପଦେଶ ଦେଇ କହିଲେ ହେ ମୁସଲମାନମାନେ ! ତୁମେ ଆକ୍ରମଣ କରି ରୋମୀମାନଙ୍କୁ ତଳିତଳାନ୍ତ ଏଥିସକାଶେ କରିପାରୁ ନାହଁ କାରଣ ତୁମ ମଧ୍ୟରେ କେହି ବିଶ୍ୱାସଘାତି ଅଛି ଅବା ଆଉ ତୁମମାନଙ୍କ ଠାରେ ନିଷ୍ଠାପରତା ବାକି ନାହିଁ । ସେଥିଅନ୍ତେ ଆପଣ ମୁସଲମାନମାନଙ୍କୁ ପବିତ୍ର ହୃଦୟର ସହ ଶହିଦ୍ ହେବା ପ୍ରତି ଅନୁପ୍ରାଣିତ କଲେ । ଶେଷରେ ସେମାନେ ରୋମୀମାନଙ୍କ ଉପରେ ଏଭଳି ଘାତକପୂର୍ଣ୍ଣ ଆକ୍ରମଣ କଲେ ଯେ ରୋମୀମାନଙ୍କୁ ଅଭୁତପୂର୍ବ ଭାବରେ ପରାଜିତ କଲେ । ଅତଏବ ସେହି ଦିନ ୮୦ ହଜାରରୁ ଏକ ଲକ୍ଷ ପର୍ଯ୍ୟନ୍ତ ରୋମୀ ସୈନୀକ ନିହତ ହୋଇଥିଲେ ।

ହଜୁର ଅନଓ୍ୱର[ଅ.ବ] କହିଲେ; ହଜରତ ଉମର [ର.ଅ]ଙ୍କ ଖିଲାଫତ୍ କାଳର ଚର୍ଚ୍ଚା ଆସନ୍ତରେ ମଧ୍ୟ ଅବ୍ୟାହତ ରହିବ । ବର୍ତ୍ତମାନ ମୁଁ କିଛି ମୃତକଙ୍କ ଜନାଯାଃ ଗାଏବ ପାଠ କରିବାର ଘୋଷଣା କରୁଛି ।

ପ୍ରଥମ ଜନାଯାଃ ଶ୍ରୀମତୀ ଖଦିଜାଃ ସାହେବା ପତ୍ନୀ ଶ୍ରୀମାନ ମୁହମ୍ମଦ ଅଲଓ୍ୱି ସାହେବ ପୂର୍ବତନ ମୌଲବି କେରଳାଙ୍କର ଅଟେ । ଯେ ବିଗତ ଦିନରେ ୮୦ବର୍ଷ ବୟସରେ ଦେହତ୍ୟାଗ କଲେ । ଇନ୍ନା ଲିଲ୍ଲାହି ଓ୍ୱ ଇନ୍ନା ଇଲୈହି ରାଜେଉନ୍ । ତାଙ୍କ ପିତା ମହିଉଦ୍ଦିନ୍ କୁନ୍‌ହି ସାହେବ କେରଳ ରାଜ୍ୟର ପ୍ରାରମ୍ଭିକ ଅହମଦିମାନଙ୍କ ମଧ୍ୟରୁ ଜଣେ ଥିଲେ । ବସ୍ତୁତଃ ମୃତକ ବାଲ୍ୟାବସ୍ଥାରୁ ଅହେମଦି ପରିବେଶରେ ବଡ଼ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ । ସେ ଅତ୍ୟନ୍ତ ଧୈର୍ଯ୍ୟଶୀଳା,

କୃତଜ୍ଞା, ନିୟମିତ ରୂପେ ନମାଜ ଓ ରୋଜାର ପାଳନକାରୀ ମହିଳା ଥିଲେ । ଅଭାବି ଗରିବଙ୍କ କଥା ବୁଝୁଥିବା, ଅତିଥି ସତ୍କାରୀ ଓ ସ୍ୱଳ୍ପରେ ସନ୍ତୁଷ୍ଟ ହେଉଥିବା ନାରୀଟିଏ ଥିଲେ । ମୃତକାଙ୍କ ସ୍ୱାମୀ ମୁବଲିଗ୍ ଥିବା ହେତୁ ଅନେକ ଅନେକ ଦିନ ଘରୁ ବାହାରେ ପ୍ରଚାର କାର୍ଯ୍ୟରେ ବ୍ୟସ୍ତ ରହୁଥିଲେ । କିନ୍ତୁ ଏଥିପାଇଁ ସେ କଦାପି ଅଭିଯୋଗ କରି ନାହାନ୍ତି ବରଂ ସର୍ବଦା ପ୍ରଭୁଙ୍କ କୃତଜ୍ଞା ହୋଇ ରହିଥିଲେ । ନିଜ ପଛରେ ଦୁଇ ପୁତ୍ର ଓ ୫ଜଣ କନ୍ୟା ସନ୍ତାନ ଛାଡ଼ି ଯାଇଛନ୍ତି । ମୃତକା ୱସିୟତ୍ କରିଥିଲେ । ଆପଣଙ୍କ ବଡ଼ ପୁଅ ଶ୍ରୀମାନ ମୌ. ମହେମୁଦ୍ ସାହେବଙ୍କ ବୃକ୍କ ନଷ୍ଟ ହୋଇଯିବା କାରଣରୁ ୫୪ ବର୍ଷ ବୟସରେ ମୃତ୍ୟୁ ବରଣ ହୋଇଥିଲା । ତାଙ୍କ ସାନ ପୁଅ ମଧ୍ୟ ମୌଲିମ୍ ସିଲସିଲା ଭାବରେ ସେବା ସମ୍ପାଦନ କରୁଛନ୍ତି । ବାକି ୫ଜଣ କନ୍ୟାଙ୍କୁ ମୁବଲିଗ୍‌ଙ୍କ ସହିତ ବିବାହ କରାଇଛନ୍ତି । ଅଲ୍ଲାଃତାଲା ମୃତକାଙ୍କ ସହିତ କ୍ଷମା ଆଚରଣ କରନ୍ତୁ ।

ଦ୍ୱିତୀୟ ଜନାଯାଃ ମଲକ୍ ସୁଲତାନ ରଶିଦ୍ ଖାନ୍ ସାହେବ କୋଟ ଫତାଃ ଖାନ୍ ପୂର୍ବତନ ଅମିର ଜିଲ୍ଲା ଅଟକ’ଙ୍କର ଅଟେ । ଅଗଷ୍ଟ ମାସ ୨୨/୨୩ ତାରିଖ ମଧ୍ୟ ରାତ୍ରରେ ସେ ଇହଧାମ ତ୍ୟାଗ କଲେ ଇନ୍ନା ଲିଲ୍ଲାହି ୱ୍ବ ଇନ୍ନା ଇଲୈହି ରାଜେଉନ୍ । ମୃତକ ଖିଲାଫତ୍‌ର ବିଶ୍ୱସ୍ତ, ତବଲିଗ୍ ପ୍ରତି ଗଭୀର ଅଭିରୁଚି ରଖୁଥିବା, ଦୁଆକାରୀ, ବିନମ୍ର ମଣିଷଟିଏ ଥିଲେ । ପ୍ରଭୁଙ୍କ ଉପରେ ପୂର୍ଣ୍ଣ ଆସ୍ଥା ପୋଷଣକାରୀ, ଅଭାବି ଗରିବଙ୍କ ସାହାଯ୍ୟକାରୀ, ଅତି ବୁଦ୍ଧିମତାର ସହିତ କଥାଭାଷା କରୁଥିବା ମଣିଷଟିଏ ଥିଲେ ।

ତୃତୀୟ ଜନାଯାଃ ହେଉଛି ଶ୍ରୀମାନ ଅବ୍ଦୁଲ୍ କୟୁମ୍ ସାହେବ ଇଣ୍ଡୋନେସିୟାଙ୍କର, ଯେ ଅଗଷ୍ଟ ମାସ ୨୫ ତାରିଖ ଦିନ ୮୨ ବର୍ଷ ବୟସରେ ଇହଧାମ ତ୍ୟାଗ କଲେ । ଇନ୍ନା ଲିଲ୍ଲାହି ୱ୍ବ ଇନ୍ନା ଇଲୈହି ରାଜେଉନ୍ । ମୃତକ ପ୍ରଥମ ଅଣହିନ୍ଦୁସ୍ତାନ ଓ ପାକିସ୍ତାନ ମୁବଲିଗ୍ ମୌ. ଅବ୍ଦୁଲ୍ ୱାହିଦ୍ ସାହେବ ସମାଟ୍ରୀଙ୍କ ପୁତ୍ର ଥିଲେ । ବିନୀତ ନିଜ ଦେଶ ପାଇଁ ଅସାଧାରଣ ସେବା ସମ୍ପାଦନ କରିଯାଇଛନ୍ତି । ମୃତକ ଉତ୍ସର୍ଗୀମାନଙ୍କର ଖୁବ୍ ସମ୍ମାନ ସତ୍କାର କରୁଥିଲେ । ନିଜ ତଳ ପାହ୍ୟାର କର୍ମଚାରୀମାନଙ୍କ ସହିତ ଉତ୍ତମ ଆଚରଣ ପ୍ରଦର୍ଶନ କରୁଥିଲେ । ତାଙ୍କ ଭିତରେ ଦୟା ଓ ଦାନ କରିବା ଗୁଣର ସ୍ତର ବେଶ୍ ଉଚ୍ଚରେ ବିଦ୍ୟମାନ ରହିଥିଲା । ସେ ଖିଲାଫତ୍ ସହିତ ଘନିଷ୍ଟ ସମ୍ପର୍କ ସ୍ଥାପନ କରିବା ସହିତ ବିନମ୍ରତାରେ ମଧ୍ୟ ବେଶ୍ ଉର୍ଦ୍ଧ୍ୱ ସ୍ତରରେ ଅଧିଷ୍ଠିତ ଥିଲେ । ଅର୍ଥଦାନ କରିବାରେ ସର୍ବଦା ଆଗ ଧାଡ଼ିରେ ରହୁଥିଲେ । ଅତ୍ୟନ୍ତ ନିଷ୍ଠାପର ବ୍ୟକ୍ତି ଥିଲେ ।

ଚତୁର୍ଥ ଜନାଯାଃ ଶ୍ରୀମାନ ଦାଉଦାଃ ରଜାକି ୟୁନୁସ ସାହେବଙ୍କର ଅଟେ । ଯେ ଅଗଷ୍ଟ ମାସ ୨୭ ତାରିଖ ଦିନ ୭୪ ବର୍ଷ ବୟସରେ ଦେହ ତ୍ୟାଗ କଲେ । ଇନ୍ନା ଲିଲ୍ଲାହି ୱ୍ବ ଇନ୍ନା ଇଲୈହି ରାଜେଉନ୍ ।

ମୃତକ ବୈନିନ୍‌ର ପ୍ରାରମ୍ଭିକ ଅହମଦିମାନଙ୍କ ମଧ୍ୟରୁ ଜଣେ ଥିଲେ ଏବଂ ତାଙ୍କ ଗଣନା ପଢାଲେଖା ଲୋକମାନଙ୍କ ମଧ୍ୟରେ ହେଉଥିଲା । ଦେଶର ବିଦ୍ୟୁତ ଓ ଜଳ ବିଭାଗର ଅଧ୍ୟକ୍ଷ ପଦରୁ ସେ ଅବସର ନେଇଥିଲେ । ଅତ୍ୟନ୍ତ ମହନୀୟ, ଭଦ୍ର, ନିୟମିତ ପାଂଚ ବେଳା ନମାଜ ଓ ତହଜୁଦ୍ ପାଠକାରୀ ତଥା ନିଷ୍ଠାପର ବ୍ୟକ୍ତିତ୍ୱ ଥିଲେ । ହଜରତ ମସିହ ମଉଦ ଓ ଖଲିଫାମାନଙ୍କୁ ଅସୀମିତ ପ୍ରେମକାରୀ ମଣିଷଟିଏ ଥିଲେ । ସାରା ସାରା ଦିନ ମାନବ ସେବାରେ ନିମଜ୍ଜିତ ରହୁଥିଲେ । ପ୍ରିୟ ହଜୁର ଅନୱରଅ.ବ ସମସ୍ତ ମୃତକମାନଙ୍କ ପାଇଁ କ୍ଷମା ଯାଚନା ଓ ବୈକୁଣ୍ଠରେ ସେମାନଙ୍କ ସ୍ତର ବୃଦ୍ଧି ନିମନ୍ତେ ଦୁଆ କଲେ ।

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ୍ବ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍ବନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍ବରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱ୍ବଲ୍ ଇହ୍‌ସାନି ୱ୍ବଇତାଇଜିଲ କୁର୍‌ବା ୱ୍ବୟନ୍‌ହା ଅନିଲ୍ ଫହ୍‌ଶାଇ ୱ୍ବଲ୍ ମୁନ୍‌କରି ୱ୍ବଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

10th September 2021